ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ସାଧୁ ସାବଧାନ!

ଗୋପାଲ ଦେ
୯୮୬୧୦୮୬୧୮୪
www.gopaldey.com

ନ୍ୟୁଜ : ସାଢ଼େ ତିନି ବର୍ଷ ଭିତରେ ମୋଦୀଜୀ କ୍ରମଶଃ ମନମୋହନ ପାଲଟିଯାଉଛନ୍ତି ।

ନରୋତ୍ତମ : ମନମୋହନଜୀ ସତ କଥା କହିବାକୁ ବି ସାହସ ପାଉନାହାନ୍ତି। ମୋଦୀଜୀ ମିଛ କଥା କହିବାକୁ ବି ଡରନ୍ତି । ମନମୋହନଙ୍କ ପାଖରେ ରାଜନୀତି ଏକ ଦୁଃସ୍ୱପ୍ନ । ମୋଦିଜୀଙ୍କ ପାଖରେ ରାଜନୀତି ଏକ ସୁସ୍ୱପ୍ନ । ଏମିତି ଦୁଇ ଜଣ ଭାରତୀୟ, ଭାଗ୍ୟଚକ୍ରରେ ପ୍ରଧାନମନ୍ତ୍ରୀ। ରାଜୀବ ଗାନ୍ଧୀଙ୍କ ମୃତ୍ୟୁ ପରେ ଦେଶବାସୀ କଂଗ୍ରେସର ମୁଣ୍ଡରେ ସୁନା କଳସୀ ଢାଳିଲେ, କିନ୍ତୁ ସୋନିଆ ଗାନ୍ଧୀ ପ୍ରଧାନମନ୍ତ୍ରୀଙ୍କ ଗାଦିରେ ବସିବାକୁ ସାହସ ପାଇଲେ ନାହିଁ, ମନମୋହନଙ୍କୁ ବସେଇଲେ । ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ତାଙ୍କୁ କଣ୍ଢେଇ ସଜେଇଲେ। ସେଇ ସମୟରେ କେନ୍ଦ୍ରକୁ ସ୍ୱୟଂସମ୍ପୂର୍ଣ୍ଣ ଶାସକ ବନେଇବାକୁ ଯେଉଁମାନେ ମୋଦୀଜୀଙ୍କୁ ପ୍ରଧାନମନ୍ତ୍ରୀ ବନେଇଥିଲେ ଏବେ ସେମାନଙ୍କ ହାତମୁଠାରେ ଆସିଗଲେ ଏଇ ନରେନ୍ଦ୍ର ମୋଦୀ । ଅତଏବ ଭିନ୍ନ ପରିବେଶ ଭିତରେ ଭିନ୍ନ ଚରିତ୍ରର ଦୁଇ ଭାରତୀୟ ପ୍ରଧାନମନ୍ତ୍ରୀ । ପ୍ରଧାନମନ୍ତ୍ରୀଙ୍କ ଅବସ୍ଥା ଏବେ ଅଭିନ୍ନ ।

ମୁଁ : ସାଧୁ ସାବଧାନ!!!

ବିରାଟ ମଧ୍ୟ ଭୟ କରିବେ ଅନୁଷ୍କାଙ୍କୁ

ସିନେମା ଫିନେମା ଟିଭି ଫିଭି

ଅନୁଷ୍କା ଶର୍ମା ବାହା ହୋଇଛନ୍ତି କ୍ରିକେଟ ତାରକା ବିରାଟ କୋହଲିଙ୍କୁ । କୋହଲିଙ୍କ ସହିତ ବେଶ୍ କିଛିଦିନ ହନିମୁନରେ କଟେଇବା ପରେ ଅନୁଷ୍କା ଫେରିଛନ୍ତି ସୁଟିଂକୁ । ବାହାଘର ପରେ 'ପରୀ' ହେବ ତାଙ୍କ ପ୍ରଥମ ଚଳଚ୍ଚିତ୍ର । ପ୍ରୋସିତ ରାୟ ନିର୍ଦ୍ଦେଶିତ ଏ ଚଳଚ୍ଚିତ୍ରରେ ଅନୁଷ୍କାଙ୍କୁ ଦେଖିବାକୁ ମିଳିବ ଦ୍ୱୈତ ଚରିତ୍ରରେ । 'ପରୀ' ଏକ ଅଲୌକିକ ଭୌତିକ କାହାଣୀକୁ ନେଇ ନିର୍ମାଣ କରାଯାଇଛି । ଅନୁଷ୍କାଙ୍କ ସହିତ ରଜତ କାପୁର ଏବଂ ପରମବ୍ରତ ଚାଟାର୍ଜୀ ମଧ୍ୟ ଅଛନ୍ତି ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ । ଏ ଚଳଚ୍ଚିତ୍ର ଦେଖିବା ପରେ ବିରାଟ ଯେ ଅନୁଷ୍କାଙ୍କୁ ଭୟ କରିବେ ଏକଥା ଟ୍ରେଲର ଦେଖି ଜାଣିହେଉଛି ।

ଏ ଚଳଚ୍ଚିତ୍ରରେ ଅନୁଷ୍କାଙ୍କୁ ଦେଖିବାକୁ ମିଳିବ ଏକଦମ୍ ଭିନ୍ନ ଅବତାରରେ । ମୁହଁରେ କ୍ରୁରତା ଏବଂ ଆଖିର ତୀକ୍ଷ୍ଣ ଚାହାଣିରେ ସେ ଦର୍ଶକଙ୍କ ଛାତିରେ ଛନକା ଲଗେଇଦେବେ ବୋଲି ଅନୁମାନ କରିହେଉଛି ।

'ପରୀ' ଚଳଚ୍ଚିତ୍ରଟି ଅନୁଷ୍କାଙ୍କ ନିଜସ୍ୱ ପ୍ରଯୋଜନାରେ ନିର୍ମାଣ କରାଯାଉଛି । ୟା' ପୂର୍ବରୁ ସେ 'ଏନ୍‌ଏଚ୍-୧୦' ଏବଂ 'ଫିଲୌରୀ' ଭଳି ଦୁଇଟି ସଫଳ ଚଳଚ୍ଚିତ୍ର ଭେଟି ଦେଇସାରିଛନ୍ତି ଦର୍ଶକଙ୍କୁ ।

ମାର୍ଚ୍ଚ ୨ ତରିଖ ହୋଲି ଅବସରରେ 'ପରୀ' ପରଦା ଛୁଇଁବ । ଅନୁଷ୍କାଙ୍କୁ ଚଳଚ୍ଚିତ୍ର 'ଜିରୋ'ରେ ମଧ୍ୟ ଦେଖିବାକୁ ମିଳିବ । ଏଥିରେ ଶାହରୁଖ-କ୍ୟାଟ୍ରିନା ମୁଖ୍ୟ ଚରିତ୍ରରେ ଥିଲେ ମଧ୍ୟ ଅନୁଷ୍କାଙ୍କୁ ନେଇ ଚର୍ଚ୍ଚା ବେଶୀ ଚାଲିଛି । ଏତିକିରେ ଅନୁଷ୍କାଙ୍କ ବ୍ୟସ୍ତତା କମିବନି । ରାଜକୁମାର ହିରାନୀଙ୍କ 'ସଞ୍ଜୁ', ଶରତ କାଟାରିଆଙ୍କ 'ସୂଇ ଧାଗା' ଏବଂ ଆନନ୍ଦ ଏଲ ରାୟଙ୍କ 'ଜିରୋ'ରେ ଦେଖାଦେବେ ସେ ।

କଥା କିଛି କାର୍ଟୁନ୍‌ଟିଏ

ହୀରାଲାଲ୍



ବାର ବନିତା କଲମ ଲତା
ରଜନୀ ଯାଉଛି ବିତି
ଆଉଚନ୍ତି ଧୀରେ ରାଜକୁମାର
ଫୁଲେଇ ଛାତିକୁ ଛାତି ।

ବାଲେଶ୍ୱର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଭାବେ ମାନସ ପାଢ଼ୀ ଯୋଗଦେଲେ

ବାଲେଶ୍ୱର : ଏକ୍ସପ୍ରେସ୍ ନ୍ୟୁଜ୍

ବରିଷ୍ଠ ଓ.ଏ.ଏସ ଅଧିକାରୀ ତଥା ନୀଳଗିରିର ଆଇ.ଟି.ଡି.ଏ ନିର୍ଦ୍ଦେଶକ ମାନସ ପାଢ଼ୀ ବାଲେଶ୍ୱର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱ ନେଇଛନ୍ତି। ପୂର୍ବରୁ ଥିବା ଅତିରିକ୍ତ ଜିଲ୍ଲାପାଳ ମନ୍ମଥ କୁମାର ପାଣି ଏହି ଜିଲ୍ଲାରେ ତିନିବର୍ଷ ବିତାଇଥିଲେ ହେଁ ତାଙ୍କୁ ହଠାତ୍ କାହିଁକି ବଦଳି କରାଗଲା ସେଥିନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସେହିପରି କିଛି ଦିନୁ ପୂର୍ବରୁ ଜିଲ୍ଲାପାଳ ଥିବା ପ୍ରମୋଦ କୁମାର ଦାସଙ୍କୁ ହଠାତ ବଦଳି କରାଯାଇ ତାଙ୍କ ସ୍ଥାନରେ ୩ ବର୍ଷ ପୂର୍ବେ ଥିବା ଉପଜିଲ୍ଲାପାଳ ପଦୋନ୍ନତି ପାଇ ରମେଶ ରାଉତ ଏବେ ବାଲେଶ୍ୱରର ଜିଲ୍ଲାପାଳ ଭାବେ ଦାୟିତ୍ୱ ନେଇଛନ୍ତି । ତେବେ ସେ କେତେ ଦିନ ଏଠାରେ କାର୍ଯ୍ୟ ତୁଲାଇବେ ସେଥିନେଇ ଅଙ୍କ କଷା ଚାଲିଛି । କାରଣ [illegible] ଏବେ ଜିଲ୍ଲାରେ ତିନୋଟି ଶକ୍ତି କାମ କରୁଛି । ନୂତନ ନିଯୁକ୍ତି ଓ ବଦଳି ନେଇ ସରକାରୀ କର୍ମଚାରୀମାନେ [illegible] ରହୁଛନ୍ତି ।

ଲୋପ ପାଉଛି ପୁରୁଣାବନ୍ଧ : ପୁନରୁଦ୍ଧାର ଦାବି

ବୁଗୁଡ଼ା
ଏକ୍ସପ୍ରେସ୍ ନ୍ୟୁଜ୍

ଏକଦା ଜଳଯୋଗାଣ ଓ ସ୍ନାନ ଶୌଚାଦିର ମୁଖ୍ୟ ଆଧାର ରୂପେ ବ୍ୟବହୃତ ବୁଗୁଡ଼ା ଏନ୍‌ଏସି ଅନ୍ତର୍ଗତ ୬ନଂ ୱାର୍ଡ ବୀର ଧନଞ୍ଜୟପୁର, କୃଷ୍ଣଶରଣପୁର ଓ ହରିଶାରଣପୁର ଅନ୍ତବର୍ତ୍ତୀ ପୁରୁଣାବନ୍ଧ ସଂପ୍ରତି ଲୋପାବସ୍ଥାକୁ ଆସିଯାଇଛି । ଆନୁମାନିକ ଦେଢ଼ଶହ ବର୍ଷ ପୂର୍ବେ ଖୋଦିତ ଏହି ବନ୍ଧଟି କ୍ରମଶଃ ତଦାରଖ ଅଭାବରୁ ଅବ୍ୟବହୃତ ହୋଇ ପଡିବା ପରେ ଏଥିପ୍ରତି କୌଣସି ଅଧିକାରୀ ଆଉ ଦୃଷ୍ଟିପାତ ନକରିବାରୁ ପୋତି ହୋଇଯିବା ସଙ୍ଗେ ସଙ୍ଗେ ଲଟାବୁଦାରେ ଭର୍ତ୍ତି ହୋଇ ଶ୍ୱାପଦସଙ୍କୁଳ ହୋଇ ପଡିଛି । ସଂପ୍ରତି ଏଠାରେ ଅର୍ଦ୍ଧଳଭଳି ଭୟଙ୍କର ସାପ ତଥା ଜଙ୍ଗଲୀ ବାର୍‌ହାଙ୍କ ଆଡ୍ଡା ଜମିଥିବାରୁ ଆତଙ୍କ ସୃଷ୍ଟି ହୋଇଛି । ସଂପୂର୍ଣ୍ଣ ବନ୍ଧଟି ପ୍ରାୟ ୫ଏକର ବିଶିଷ୍ଟ ହୋଇଥିଲେ ହେଁ ଅରମା ହୋଇପଡିଛି । ଏହାର ବାଡଗୁଡିକରେ କେହି କେହି କିଛି ପନିପରିବା ଚାଷ କରୁଥିବା ବେଳେ ଅବଶିଷ୍ଟ ଆଡିଗୁଡିକ ଆବର୍ଜନାସ୍ଥଳ ଅଥବା ମୁକ୍ତ ଶୌଚସ୍ଥଳ ପାଲଟିଛି । ଏହାଦ୍ୱାରା ୩ଟି ବ୍ରାହ୍ମଣ ଶାସନକୁ ସଂଯୋଗ କରୁଥିବା ଚନ୍ଦନୀବନ୍ଧ ହୁଡାରୁ ହରିଶରଣପୁର ଓ କୃଷ୍ଣଶରଣପୁରକୁ ଯାଇଥିବା ରାସ୍ତା ପୂତିଗନ୍ଧମୟ ହୋଇପଡିଛି । ଉଲ୍ଲେଖଯୋଗ୍ୟ ଯେ ଏହି ୱାର୍ଡ ଅନ୍ତର୍ଗତ ଚନ୍ଦନିବନ୍ଧଟି ପୂର୍ଣ୍ଣ ବ୍ୟବହାର ଯୋଗ୍ୟ ଥିଲାବେଳେ ହରିଶରଣପୁରର ଦକ୍ଷିଣପାର୍ଶ୍ୱସ୍ଥ ବାଲିବନ୍ଧ ଓ ପୂର୍ବପାର୍ଶ୍ୱସ୍ଥ ଏହି ପୁରୁଣାବନ୍ଧ ଅବହେଳିତ ଅବସ୍ଥାକୁ ଆସିଯାଇଛି । ବାଲିବନ୍ଧଟି ଆଂଶିକ ଭାବେ ବ୍ୟବହାର ହେଉଥିଲା ବେଳେ ପୁରୁଣାବନ୍ଧର ଚିହ୍ନ ଲୋପ ପାଇବା ଅବସ୍ଥାକୁ ଆସିଯାଇଛି । ଏହାର ପୁନରୁଦ୍ଧାର ହେଲେ ତିନୋଟି ଶାସନ, ଜଗତପାଟଣା ତଥା ବୁଗୁଡାର ଜନସାଧାରଣଙ୍କ ଅଶେଷ ଉପକାର ସାଧାନ ସଙ୍ଗକୁ ତେଲଗ୍ନସ୍ଥିତ ବାଳିଆପିବା ଧାନୀ କ୍ଷେତ୍ରକୁ ଜଳସେଚନ ମଧ ହୋଇପାରନ୍ତା ବୋଲି ମତପ୍ରକାଶ ପାଇଛି ।

ପୋଲିସ ଇନଫର୍ମର ସନ୍ଦେହରେ ମାଓବାଦୀଙ୍କ ହତ୍ୟା

ଏସ୍‌ପି ଓ ଜିଲ୍ଲାପାଳଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

ଜୟପୁର : ଏକ୍ସପ୍ରେସ୍ ନ୍ୟୁଜ୍

ପୋଲିସ ଇନଫରମର ସନ୍ଦେହରେ ମାଓବାଦୀଙ୍କ ହତ୍ୟା ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ ମାଲକାନଗିରି ଏସପି ଓ ଜିଲାପାଳଙ୍କୁ ରିପୋର୍ଟ ତଲବ କରିଛନ୍ତି । ଗତ ଫେବୃୟାରୀ ୨୬ ତାରିଖରେ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ କୁଡୁମୁଲୁଗୁମ୍ମା ବ୍ଲକ ହନଦୀଖାଲ ଗ୍ରାମର ବିଶ୍ୱ ନାଥ ଖିଲ ନାମକ ଜଣେ ବ୍ୟକ୍ତିଙ୍କୁ ମାଓବାଦୀମାନେ ପୋଲିସ ଇନଫରମର ସନ୍ଦେହରେ ହତ୍ୟା କରିଥିଲେ । ଏନେଇ ଚିତ୍ରକୋଣ୍ଡା ପୋଲିସ ଥାନାରେ ମାମଲା ରୁଜୁ ହୋଇଥିଲା । କିନ୍ତୁ ଚିତ୍ରକୋଣ୍ଡା ପୋଲିସ କୌଣସି ପଦକ୍ଷେପ ନେଇନଥିଲା କି କ୍ଷତି ପୂରଣ ବାବଦକୁ ମଧ୍ୟ କୌଣସି ଅର୍ଥ ଦିଆଯାଇନଥିଲା ବୋଲି ମାନବାଧିକାର ଅକର୍ମୀ ସଂଗୀତା ସ୍ୱାଇଁ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଗତ ୨୦୧୬ରେ ୨୦୯୪ ମାମଲା ଦାୟର କରିଥିଲେ । ଘଟଣାର ସମ୍ବେଦନଶୀଳତାକୁ ବିଚାରକୁ ନେଇ ମାନବାଧିକାର କମିଶନ ତଦନ୍ତ ନେଇ ପଦକ୍ଷେପ ନେଇଥିବା [illegible] ଏସପିଓ ଜିଲ୍ଲାପାଳଙ୍କୁ ୪ ସପ୍ତାହ ମଧ୍ୟରେ ରିପୋର୍ଟ ତଲବ କରିଛନ୍ତି ।

ଚୋରି ଅଭିଯୋଗରେ ଯୁବକ ଗିରଫ : ଚୋରି ସାମଗ୍ରୀ ଜବତ

ସାଲେପୁର : ଏକ୍ସପ୍ରେସ୍ ନ୍ୟୁଜ୍

ଦୀର୍ଘ ମାସ ଧରି ଜନୈକ ଲୋକଙ୍କ ଘରେ ପଶି ସୁନା ଚେନ୍, ମୋବାଇଲ୍ ଓ ଅନ୍ୟାନ୍ୟ ଆସବାବପତ୍ର ଚୋରି କରିନେଇଥିବା ଅଭିଯୁକ୍ତକୁ ସାଲେପୁର ପୋଲିସ ସୋମବାର ଦିନ ଗିରଫ କରି କୋର୍ଟ ଚାଲାଣ କରିଛି। ସେଠାରେ ତା'ର ଜାମିନ୍ ଆବେଦନ ନାମଞ୍ଜୁର ହେବାରୁ ତାକୁ ଜେଲ୍ ହାଜତକୁ ପଠାଯାଇଥିବା ସାଲେପୁର ଥାନା ଆଇ.ଆଇ.ସି. ପ୍ରଶାନ୍ତ କୁମାର ମାଝି ପ୍ରକାଶ କରିଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ ଯେ ଗତ ୦୭.୦୨.୨୦୧୭ରିଖରେ ସାଲେପୁର ଅରବିନ୍ଦ ରୋଡ୍‌ରେ ଥିବା ବିଦ୍ୟାଧର ଦାସମହାପାତ୍ରଙ୍କ ଘରେ ପଶି ଉକ୍ତ ଅଞ୍ଚଳର ରମେଶ ଗୋଛାୟତଙ୍କ ପୁଅ କାଳନ୍ଦୀ ଗୋଛାୟତ ଚୋରି କରିନେଇଯାଇଥିବା ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ସାଲେପୁର ପୋଲିସ ଏହି ସଂପର୍କରେ ଥାନା କେଶ୍ ନଂ୩୧ / ୨୦୧୭ରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲୁ ରଖିଥିଲେ। କାଳନ୍ଦୀର ଘର ଉପରେ ଚଢ଼ଉ କରି କାଳନ୍ଦୀକୁ ଗିରଫ କରିବା ସହ ଚୋରି ଯାଇଥିବା ସୁନା ଚେନ୍, ସ୍ୟାମସଙ୍ଗ ମୋବାଇଲ ଓ ଇଣ୍ଟେକ୍ସ ସାଉଣ୍ଡ୍ [illegible] କୋର୍ଟ ଚାଲାଣ କରିଥିଲେ।

ଗଛରୁ ପଡ଼ି କାଠୁରିଆ ମୃତ

ପାଣିକୋଇଲି
ଏକ୍ସପ୍ରେସ୍ ନ୍ୟୁଜ୍

ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଂଚାୟତର ସାହୁ ସାହିସ୍ଥିତ ଏକ ଖଜୁରୀ ଗଛରେ ଚଢି ଡ଼ାଳ କାଟୁଥିବା ବେଳେ ଗଛଟି ଅଧାରୁ ଭାଙ୍ଗି ଯିବାରୁ ଯାଜପୁର ସଦର ଥାନା ଅନ୍ତର୍ଗତ ମାଳଆନନ୍ଦପୁର ଗ୍ରାମର ବାଇଧର ବେହେରାଙ୍କ ପୁଅ ଚନ୍ଦ୍ରମଣୀ (୫୫) ନାମକ ଜଣେ ବୃଦ୍ଧ ମୃତ୍ୟୁ ବରଣ କରିଛନ୍ତି। ମୃତ ଚନ୍ଦ୍ରମଣୀ ରବିବାର ଦିନ ଅପରାହ୍ନରେ ଉକ୍ତ ଗଛରେ ଚଡି ନିଜର କୌଳିକ ବୃତି ଅନୁସାରେ ଗଛରୁ ପତ୍ର କାଟୁଥିବା ବେଳେ ଗଛଟି ପୋକ ଲାଗି ଫମ୍ପା ହୋଇଯାଇଥିବାରୁ ତାହା ଅଧାରୁ ଭାଙ୍ଗି ଯାଇଥିଲା। ଫଳରେ ଚନ୍ଦ୍ରମଣୀ ତଳେ ପଡ଼ି ଗୁରୁତର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଯାଜପୁର ଡ଼ାକ୍ତରଖାନାକୁ ନେଇଥିଲେ ମଧ୍ୟ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ମୃତ ବ୍ୟକ୍ତିଙ୍କ ପୁଅ ମଣ୍ଟୁ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପାଣିକୋଇଲି ଥାନାରେ ଏକ ଅପମୃତ୍ୟୁ ମାମଲା ୦୧/୧୮ ରୁଜୁ ହେବା ସହିତ ଥାନାର ହାବିଲଦାର ବିଜୟ କୁମାର ଦାସଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ ହେବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ଅଶୋକ କୁମାର ସ୍ୱାଇଁ ଜଣାଇଛନ୍ତି। ସ୍ୱର୍ଗତ ବେହେରାଙ୍କ ପରିବାର ଜଣେ ଅତ୍ୟନ୍ତ ଗରୀବ ଶ୍ରେଣୀୟ ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଦେବା ନିମନ୍ତେ [illegible]

ଦୁଇ ନାବାଳକ ଅପହରଣ ଓ ହତ୍ୟା ଘଟଣା

ପାଣି ନମୁନା ସଂଗ୍ରହ କଲା ସାଇଣ୍ଟିଫିକ୍ ଟିମ୍

ଭଦ୍ରକ
ଏକ୍ସପ୍ରେସ୍ ନ୍ୟୁଜ୍

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହି ଥାନା ଅଧୀନ କଉଣିଆସାହି ଗ୍ରାମରେ ଦୁଇ ନାବାଳକଙ୍କୁ ପ୍ରଥମେ ଅପହରଣ ଓ ପରେ ପୋଖରୀରୁ ତାଙ୍କ ମୃତଦେହ ମିଳିବା ଘଟଣା ସମଗ୍ର ଜିଲାରେ ହଇଚଇ ସୃଷ୍ଟି କରିଥିଲା। ଏହି ଘଟଣାରେ ବାସୁଦେବପୁର ଥାନା ଅଧିକାରୀଙ୍କୁ ଜିଲା ମୁଖ୍ୟାଳୟକୁ ବଦଳି କରାଯାଇଛି। ସାଇଣ୍ଟିଫିକ ଟିମ୍ ପହଞ୍ଚି ଶବ ମିଳିଥିବା ପୋଖରୀ ପାଣି ନମୁନା ସଂଗ୍ରହ କରିଥିବା ବେଳେ ପୋଖରୀର ଗଭୀରତା ମାପିଛନ୍ତି। ଦୁଇ ବାଳକକୁ ହରାଇ ପରିବାର ଭୂଇଁରେ ଲୋଟି ପଡିଥିବା ବେଳେ ସାହିରେ ଦୁଃଖର ଛାୟି ଖେଳିଯାଇଥିଲା। ଶବ ମିଳିବା ପରେ ଗାଁରେ ଉତ୍ତେଜନା ଦେଖାଦେଇଥିଲା। ଜିଲା ପ୍ରଶାସନ ସହିତ ସ୍ଥାନୀୟ ପ୍ରଶାସନ ଘଟଣା ଉପରେ ନଜର ରଖିଥିଲା। ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ଘଟଣାର ଛାନଭିନ୍ନ କରିଥିଲେ। ହେଲେ କିଛି ସୁରାକ ପାଇ ନ ଥିଲେ। ପୁଣି ସାଇଣ୍ଟିଫିକ ଟିମ ତଦନ୍ତକୁ ଆଉପାଦେ ଆଗକୁ ବଢାଇଛି। ପିଲା ଦୁଇଟିଙ୍କ ଶବ ଉଦ୍ଧାର କରାଯାଇଥିବା ପୋଖରୀର ପାଣି ନମୁନା ସଂଗ୍ରହ କରିବା ସହିତ ପୋଖରୀରର ଗଭୀରତା ମାପିଛି। ଏପଟେ ମୃତ ଦେହ ଦୁଇଟିର ବ୍ୟବଚ୍ଛେଦ କଟକ ବଡ ମେଡିକାଲରେ କରାଯାଇଥିବା ବେଳେ ଶବ ସତ୍କାର ପାଇଁ ପରିବାର ଆତ୍ମୀୟ ସ୍ୱଜନ ପୁରୀ ସ୍ୱର୍ଗଦ୍ୱାର ନେଇଥିବା ସୂଚନା ମିଳିଛି। ଏପଟେ ଏହି ଘଟଣାରେ ବାସୁଦେବପୁର ଥାନା ଅଧିକାରୀ ମାନସ କୁମାର ଦେଓଙ୍କୁ ଜିଲା ମୁଖ୍ୟାଳୟକୁ ବଦଳି କରାଯାଇଥିବା ବେଳେ ମୁଖ୍ୟାଳୟରୁ ଗଣେଶର ପ୍ରଧାନଙ୍କୁ ତାଙ୍କ ସ୍ଥାନକୁ ବଦଳି କରାଯାଇଛି। ତେବେ ଏହି ଘଟଣା ପରେ ଗାଁରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଜାଗର ମେଳାରୁ ପିଲା ଦୁଇଟିଙ୍କୁ ଅପହରଣ କରିନେବା ଓ ତିନିଦିନ ପରେ ଗାଁ ପୋଖରୀରୁ ମୃତଦେହ ମିଳିବା ଘଟଣା ଗ୍ରାମବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି।

୮୦ ଟଙ୍କା ପାଇଁ ଚାଲିବାକୁ ପଡ଼େ ୪୦ କିମି

ମାଲକାନଗିରି : ଏକ୍ସପ୍ରେସ୍ ନ୍ୟୁଜ୍

ଆଦିବାସୀ ଅଧ୍ୟୁଷିତ ଜିଲ୍ଲାଗୁଡ଼ିକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ହେଲେ ଆଦିବାସୀ ବହୁଳ ମାଓ ପ୍ରବଣ ମାଲକାନଗିରି ଜିଲ୍ଲାରେ ସେମିତି କିଛି ଆଖି ଦୃଶିଆ କାର୍ଯ୍ୟ ହୋଇନାହିଁ । ଏଠିକାର ଅନେକ ଗାଁରେ ଆଜି ବି ସରକାରୀ କଳ ପହଞ୍ଚି ପାରିନାହିଁ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ପରି ମୌଳିକ ସୁବିଧା ସୁଯୋଗରୁ ବଂଚିତ ଲୋକେ କିପରି ଦୟନୀୟ ଜୀବନ ବିତାଉଛନ୍ତି ମାଲକାନଗିରି ବ୍ଲକ ସିନ୍ଧିମାଳ ପଞ୍ଚାୟତ ଅଧୀନସ୍ଥ ଗ୍ରାମର ଲୋକଙ୍କୁ ଦେଖିଲେ ଜଣାପଡ଼େ । ଦୈନିକ ୮୦ ଟଙ୍କା ରୋଜଗାର କରିବା ପାଇଁ ଏଠିକାର ଲୋକଙ୍କୁ ୪୦ କିମି ବାଟ ଚାଲିବାକୁ ପଡ଼େ । ଚାଷ ଜମି ନଥିବାରୁ ପଂଚାୟତର ଅଧିକାଂଶ ଗ୍ରାମର ଲୋକେ ପାହାଡ଼ରୁ ପଥର ଫଟାଇ କୁଲିବୃତି କରି ଓ ଜଙ୍ଗଲଜାତ ଦ୍ରବ୍ୟ, କାଠ, ବାଉଁଶ ସଂଗ୍ରହ କରି ଜିବୀକା ନିର୍ବାହ କରିଥାନ୍ତି। ଗ୍ରାମବାସୀମାନେ ଭୋର ୪ଟାରୁ ବିଛଣାରୁ ଉଠି ଜଙ୍ଗଲକୁ କାଠ ସଂଗ୍ରହ ପାଇଁ ଯାଇ ସଂଗ୍ରହ ହୋଇଥିବା ଜାଳେଣି କାଠକୁ ବିଡ଼ା କରି ୨୦ କିମି ଦୂର ମାଲକାନଗିରି ବଜାରକୁ ନେଇ ବିକ୍ରି କରିଥାନ୍ତି । ଗୋଟିଏ ବିଡ଼ାରେ ୩ରୁ ୪ ଖଣ୍ଡ କାଠ ବାନ୍ଧିଥାନ୍ତି । ୪ ବିଡ଼ାକୁ ୧୦ ଟଙ୍କାରେ ବିକ୍ରି କରନ୍ତି । କେଉଁଦିନ ୧୦୦ ଟଙ୍କା ତ ଆଉ କେଉଁଦିନ ୮୦ ଟଙ୍କାରେ କାଉଡ଼ି ବିକ୍ରି ହୋଇଥାଏ । ଏହି ସବୁ ଗ୍ରାମଗୁଡ଼ିକରେ କର୍ମ ଦିବସ ସୃଷ୍ଟି କରାଯାଇ ଲୋକଙ୍କୁ କାମ ଯୋଗାଇ ଦେବାକୁ ଦାବି ହେଉଛି ।

ସହରୀଙ୍କ ତୃଷ୍ଣା ମେଣ୍ଟାଉଥିବା ପୋଖରୀ ଗ୍ରାମବାସୀଙ୍କ ତଣ୍ଟି ଚିପୁଛି

ବଅାଁରପାଳ : ଏକ୍ସପ୍ରେସ୍ ନ୍ୟୁଜ୍

ଅଳିଆ ପରେ ନର୍ଦ୍ଦମା ଚିନ୍ତାରେ ଅନୁଗୁଳ ମୁନିସିପାଲଟି। ସହରର ଇଣ୍ଡଷ୍ଟ୍ରିଆଲ ଏରିଆ, ହାକିମପଡା, ଅମଳାପଡା, ବସଷ୍ଟାଣ୍ଡ ଅଞ୍ଚଳର ବ୍ୟବସାୟୀକ ପ୍ରତିଷ୍ଠାନ, ହୋଟେଲ ଢାବା, ବହୁତଳ ଅଟ୍ଟାଳିକା, ଜନବସତିରୁ ନିଷ୍କାସିତ ନର୍ଦ୍ଦମା ପାଣି ଡ୍ରେନ ଯୋଗେ ଅମଲାପଡା ପୋଖରୀରେ ପଡି ସେଠାରୁ ସିଧା ସଳଖ ରାଣିଗୋଡା ଗ୍ରାମର କଟାବନ୍ଧରେ ଯାଇ ନର୍ଦ୍ଦମା ପାଣି ମିଶୁଛି । ଏକଦା ଅନୁଗୁଳ ସହରକୁ ଏକମାତ୍ର ପାନୀୟ ଜଳଯୋଗଣ ଉତ୍ସ ରାଣିଗୋଡା ପୋଖରୀ ଥିଲା। ପୋଖରୀସ୍ଥ ପମ୍ପ ହାଉସରୁ ପାଇପ ଯୋଗେ ସହରବାସୀଙ୍କ ପାଇଁ ପାନୀୟ ଜଳଯୋଗାଣରେ ୫୦ବର୍ଷରୁ ଉର୍ଦ୍ଧ୍ୱ ସମୟ ମୁଖ୍ୟ ଉତ୍ସ ଭାବେ ପରିଗଣିତ ହୋଇଥିଲା । ସମୟ କ୍ରମରେ ସହରର ଜନସଂଖ୍ୟା ବୃଦ୍ଧିରେ ଆଉ ୨/୩ଟି ଭୁତଳ ଜଳ ଉତ୍ସରୁ ସହରବାସୀଙ୍କୁ ପାନୀୟ ଜଳଯୋଗାଣ କରାଗଲା। ଗତବର୍ଷ ଡେରଜାଙ୍ଗ ମଧ୍ୟମ ଜଳସେଜନ ପ୍ରକଳ୍ପରୁ ପାଇପ ଲାଇନ ଜରିଆରେ ଅନୁଗୁଳ ସହରକୁ ପାନୀୟ ଜଳଯୋଗାଣ ହେବା ଦ୍ୱାରା ରାଣିଗୋଡା ପୋଖରୀ ସହରବାସୀଙ୍କୁ ଅଲୋଡା ହୋଇ ପଡିଲା । ଏବେ ସହରବାସୀଙ୍କ ନର୍ଦ୍ଦମା ପାଣି ପୋଖରୀରେ ଜମା କରାଯାଉଛି। ପୋଖରୀ ଜଳ ବିଷ ପାଲଟିଛି । ମୁନିସିପାଲଟି ଆବର୍ଜନା ପରିଚାଳନା ପାଇଁ ଜାଗା ନପାଇ ନାକେଦମ ହୋଇ ପଡିଥିବା ବେଳେ ନର୍ଦ୍ଦମା ପାଣି ନିଷ୍କାସନ ପାଇଁ ଅଗାମୀ ଦିନରେ ସମଦଶା ଭୋଗିବାକୁ ଏହାଇ ଦିଆଯାଇ ନପାରେ। ଅନୁଗୁଳ ସହର ଉପକଣ୍ଠ ବଅାଁରପାଳ ବ୍ଲକର ରାଣିଗୋଡା ଗ୍ରାମର କଟାବନ୍ଧ ପୋଖରୀ ଆୟତନ ୨୫ଏକରରୁ ଉର୍ଦ୍ଧ୍ୱ ହେବା ବର୍ଷ ତମାମ ଜଳର ଅଭାବ ନଥାଏ । ରାଣିଗୋଡା, ଗୀତାଗ୍ରାମ, ଶିମିଳିପଡା ଲୋକେ, ଗୃହପାଳିତ ପଶୁ ପକ୍ଷୀ ଗାଧୋଇବା ପିଇବା ପାଣି ପାଇଁ ଏହି ବିରାଟ ପୋଖରୀ ଉପରେ ନିର୍ଭର କରିବା ସହ ଅନୁଗୁଳ ସହରକୁ ପାଇପ ଯୋଗେ ପାନୀୟ ଜଳଯୋଗାଣର ମୁଖ୍ୟ ଉତ୍ସ ଥିଲା । ଇତି ମଧ୍ୟରେ ସହରବାସୀଙ୍କ ପାଇଁ ଅନ୍ୟତ୍ର ଜଳଯୋଗାଣ ବ୍ୟବସ୍ଥା ହୋଇଛି। ସହରବାସୀଙ୍କ ପାନୀୟଜଳ ପାଇଁ ପୋଖରୀ ଅଲୋଡା ହୋଇଛି ମାତ୍ର ସେହି ସହରୀଙ୍କ ନର୍ଦ୍ଦମା ପାଣି ପୋଖରୀ ପାଣିରେ ମିଶିବା ଦ୍ୱାରା ପୋଖରୀ ଉପରେ ନିର୍ଭର କରୁଥିବା ଅଂଚଳବାସୀଙ୍କ ଦୁର୍ଦ୍ଦଶା ବଢି ଯାଇଛି । ସହର ଯାକର ନର୍ଦ୍ଦମା ପାଣି ଡ୍ରେନ ଯୋଗେ ତଳକୁ ଛାଡି ଦିଆଯାଇଛି ଯାହାକି ଏହି ପୋଖରୀରେ ମିଶୁଛି । ପୋଖରୀ ଜଳ ସମ୍ପୂର୍ଣ୍ଣ ଦୂଷିତ ହୋଇଛି । ପୋଖରୀ ଜଳ ଦୁର୍ଗନ୍ଧମୟ ହୋଇଛି । ଦୁର୍ଗନ୍ଧ ଯୋଗୁଁ ପୋଖରୀ ହୁଡାରେ ଯାତାୟତ କରିବା ସମ୍ଭବ ହେଉନି। ପୋଖରୀ ଜଳ ବିଷ ପାଲଟିଛି। ପିଇବା, ଗାଧୋଇବା ପାଇଁ ଏହି ଜଳ ବ୍ୟବହାର କରିବା ଦୂରର କଥା ଏହି ପୋଖରୀର ଜଳ ଛୁଇଁବା ସ୍ୱାସ୍ଥ୍ୟପକ୍ଷେ ହାନିକାରକ ହେଉଛି । ପୋଖରୀ ହୁଡାରେ ଥିବା ଶିବ ମନ୍ଦିର, ଉଦ୍ୟାନ ପୋଖରୀ ଦୁର୍ଗନ୍ଧ ଯୋଗୁଁ ପ୍ରଭାବିତ ହେଉଛି । ପୋଖରୀ ପୁନରୁଦ୍ଧାର କରିବା ସହ ପୋଖରୀ ମଧ୍ୟକୁ ସହରର ଆବର୍ଜନ ପାଣି ନଛାଡିବାକୁ ଗ୍ରାମବାସୀ ଜିଲାପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ ତାହାର କୌଣସି ସୁଫଳ ନମିଳିବାରୁ ଗ୍ରାମବାସୀଙ୍କ ମଧରେ ଅସନ୍ତୋଷର ଦାନା ବାନ୍ଧୁଛି। ଅଗାମୀ ଦିନରେ ଜନ ଆନ୍ଦୋଳନ ପାଇଁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ରାସ୍ତାଘାଟ ଓ ପାନୀୟଜଳ ସମସ୍ୟାରେ ଲୋକେ ଅତିଷ୍ଠ

ନୂଆପଡ଼ା
ଏକ୍ସପ୍ରେସ୍ ନ୍ୟୁଜ୍

କେନ୍ଦ୍ର ଓ ରାଜ୍ୟ ସରକାର ସହରାଞ୍ଚଳର ଲୋକମାନଙ୍କ ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ନୂଆପଡା ଜିଲ୍ଲା ଖଡିଆଳ ଏନଏସିରେ ସରକାରୀ ଅର୍ଥର ବ୍ୟାପକ ଦୁରୁପଯୋଗ ହେଉଥିବାରୁ ରାସ୍ତାଘାଟ, ପାନୀୟଜଳ, ବିଦ୍ୟୁତ ଆଲୋକ ସହ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଷୁଡି ପଡିଛି । ବିଶେଷକରି ଖଡିଆଳ ସହରରେ ରାସ୍ତାଘାଟର ଅବସ୍ଥା ନକହିବା ଭଲ ।ଏଠାରେ ରାସ୍ତାଗୁଡିକର ରକ୍ଷଣାବେକ୍ଷଣ ଅଭାବରୁ ବଡ ବଡ ଖାଲଖମାର ହୋଇ ବିପଦସଂକୁଳ ଅବସ୍ଥାରେ ପଡରହିଥିବା ବେଳେ ରାସ୍ତାର ଅନେକ ସ୍ଥାନରେ ଲୁହାଛଡ ରାସ୍ତା ଉପରକୁ ଉଠିପଡିଥିବାରୁ ଛାତ୍ରଛାତ୍ରୀମାନେ ସ୍କୁଲଯିବା ସମୟରେ ଝୁଣ୍ଟିପଡି ଦୁର୍ଘଟଣାର ଶୀକାର ମଧ୍ୟ ହେବାରେ ଲାଗିଛନ୍ତି । ହେଲେ ଖଡିଆଳ ସହରବାସୀଙ୍କ ସମସ୍ୟା ପ୍ରତି ଜିଲା ପ୍ରଶାସନ ତଥା ସ୍ଥାନୀୟ ଏନଏସି କର୍ତୃପକ୍ଷ ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି । ହେଲେ ଦୀର୍ଘଦିନ ଏଠାରେ ରାସ୍ତାଘାଟ, ପାନୀୟଜଳ, ବିଦ୍ୟୁତ ଆଲୋକ ସହ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡିଛି ।

ବିଶେଷକରି ଖଡିଆଳ ସହରର ଲାଲ ସାହେବପଡା ଓାର୍ଡ ନଂ-୭ରେ ରାସ୍ତାଘାଟର ଅବସ୍ଥା ଅତି ଶୋଚନୀୟ ହୋଇପଡିଛି । ଏହି ଲାଲ ସାହେବପଡାର ମୁଖ୍ୟରାସ୍ତା ଅତି ଜନଗହଳି ପୂର୍ଣ୍ଣ ହୋଇଥିବା ବେଳେ ପ୍ରତିଦିନ ଏହି ରାସ୍ତାଦେଇ ଛାତ୍ରଛାତ୍ରୀ ସ୍କୁଲ କଲେଜକୁ ଯିବାଆସିବା କରିବା ସମେତ ଶହ ଶହ ସଂଖ୍ୟାରେ ଭାରିଯାନ ଗୁଡିକ ଯାତାୟତ କରିଥାଏ । ହେଲେ ଏହି ରାସ୍ତାର ମରାମତି ଅଭାବରୁ ଏବେ ବଡ ବଡ ଖାଲ ଖମାର ହୋଇ ବିପଦସଂକୁଳ ଅବସ୍ଥାରେ ପଡରହିଛି । ସେହିଭଳି ଦୀର୍ଘଦିନ ହେଲା ସ୍ଥାନୀୟ ମାଣିକ୍ୟଦେବୀ ସ୍କୁଲ ସମ୍ମୁଖରେ ଲୁହାଛଡ ରାସ୍ତା ଉପରକୁ ଉଠି ବିପଦସଂକୁଳ ଅବସ୍ଥାରେ ପଡରହିଥିବା ବେଳେ ଛାତ୍ରଛାତ୍ରୀ ସ୍କୁଲ ଯିବାଆସିବା ସମୟରେ ବାରମ୍ବାର ଝୁଣ୍ଟିପଡି ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ୭ ନମ୍ବର ୱାର୍ଡର ମାଣିକ୍ୟଦେବୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ ସମେତ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ମାନେ ଅଭିଯୋଗ କରିଛନ୍ତି । ଏଠାରେ ପ୍ରତିବର୍ଷ କୋଟି କୋଟି ଟଙ୍କାରେ ରାସ୍ତା ନିର୍ମାଣ ହେଉଛି । ହେଲେ ତାହା ଅତିନିମ୍ନମାନର କାମ ହେଉଥିବାରୁ ଅଳ୍ପ ଦିନରେ ମଧ୍ୟରେ କଂକ୍ରିଟ ରାସ୍ତା ଦୁଇ ଫାଳହୋଇ ଫାଟ ଦେଖାଯାଉଥିବା ବେଳେ ଅନେକ ସ୍ଥାନରେ ଖାଲଖମାର ହୋଇ ବିପଦସଂକୁଳ ଅବସ୍ଥାରେ ପଡିରହିଛି ।ଏଥିସହ ସାମାନ୍ୟ ବର୍ଷାହେଲେ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମିରହିବା ସହ ଲୋକଙ୍କୁ ଯାତାୟତ କରିବାରେ ମଧ୍ୟ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ । ଏନେଇ ସ୍ଥାନିୟ ଲୋକମାନେ ଖଡିଆଳ ଏନଏସି କର୍ତୃପକ୍ଷ ତଥା ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିଆସୁଛନ୍ତି । ହେଲେ ଏଯାଏଁ କୌଣସି ପଦକ୍ଷେପ ନେଉନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଦିନକୁ ଦିନ ତୀବ୍ର ଅସନ୍ତୋଷ ବଢିବାରେ ଲାଗିଛି । ଯଦି ଏହାର ତୁରନ୍ତ ସମାଧାନ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ ବୋଲି ଖଡିଆଳ ଲାଲସାହେବ ପଡାର ଗୋଡଶୁ ଭୋଇ, ବିକାଶ ସାହୁ ସମେତ ପଡାବାସୀ ଚେତାବନୀ ଦେଇଛନ୍ତି । ଅପରପକ୍ଷେ ଖଡିଆଳ ଏନଏସି ଅଧ୍ୟକ୍ଷା ଏସବୁ ସମସ୍ୟାର ସମାଧାନ ଖୁବଶୀଘ୍ର କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

ଜିଲ୍ଲାପାଳ ଆସିଲେନି : ଭଞ୍ଜନଗରରେ ଏଡିଏମ୍‌ଙ୍କ ଅଭିଯୋଗ ଶୁଣାଣି

ଭଞ୍ଜନଗର
ଏକ୍ସପ୍ରେସ୍ ନ୍ୟୁଜ୍

ସ୍ଥାନୀୟ ଉପଜିଲ୍ଲାପାଳଙ୍କ ସମ୍ମିଳନୀକକ୍ଷରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ପାଇଁ ସୋମବାର ତାରିଖ ଧାର୍ଯ୍ୟ ହୋଇଥିବା ବେଳେ ଜିଲ୍ଲାପାଳ ପ୍ରେମଚନ୍ଦ୍ର ଚୌଧୁରୀ ନିଜର କାର୍ଯ୍ୟବ୍ୟସ୍ତତା ଯୋଗୁଁ ଆସିପାରିନଥିବାରୁ ଏଡିଏମ ବିଜୟ କୁମାର ଦାସ ସାଧାରଣ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ଏଥିପାଇଁ ମୋଟ ୨୬୫ଟି ଅଭିଯୋଗ ଏଡିଏମ୍‌ଙ୍କ ଶୁଣାଣି ପାଇଁ ଆସିଥିବା ବେଳେ ଏଥିରୁ ସର୍ବାଧିକ ୨୫୩ଟି ବ୍ୟକ୍ତିଗତ ମାମଲା ରହିଥିଲା। ତେବେ ୧୩ଟି ସମସ୍ୟା ଭିତ୍ତିକ ଅଭିଯୋଗ ଆସିଥିବାବେଳେ ୯ଟି ମାମଲାର ତୁରନ୍ତ ଫଇସଲା କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ୨ଜଣଙ୍କୁ ମୋଟ ୧୦ହଜାର ଟଙ୍କାର ଅର୍ଥରାଶି ସହାୟତା ପ୍ରଦାନ କରାଯାଇଥିଲା।

ଏହି ଅଭିଯୋଗ ଶୁଣାଣି ବେଳେ ଏସଡିପିଓ ଉତ୍କଳ କେଶରୀ ଦାଶ, ସହକାରୀ ଜିଲ୍ଲାପଳ କିଶୋର ଚନ୍ଦ୍ର ଦାସ, ପ୍ରମୋଦ କୁମାର ଦଳବେହେରାଙ୍କ ସମେତ ଉପଖଣ୍ଡର ସମସ୍ତ ବିଡିଓ ଓ ତହସିଲଦାର ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଉପଖଣ୍ଡ ସୁଚନା ଓ ଲୋକସଂପର୍କ ଅଧିକାରୀ ଫକୀର ଚରଣ ମାଝୀ ପ୍ରମୁଖ ସହଯୋଗ କରିଥିଲେ।